କ୍ରିଶନ୍ ଲାଲ୍ ଧାଓନ ଏବଂ ଅନ୍ୟ ଜଣେ

1962
ଫେବୃୟାରୀ 15

ବନାମ

ଦିଲ୍ଲୀ ପ୍ରଶାସନ

(ଜେ. ଏଲ. କପୁର, କେ. ସି. ଦାସ ଗୁପ୍ତା ଏବଂ ରଘୁବର ଦୟାଲ, ନ୍ୟାୟାଧୀଶବୃନ୍ଦ)

*ଫୌଜଦାରୀ ମକଦ୍ଦମା - ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ବିଚାର-ଅନ୍ୟ ଏକ ସ୍ୱତନ୍ତ୍ର ବିଚାରପତି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପରିଚାଳନା କରନ୍ତି-ଦଣ୍ଡବିଧାନ-ବୈଧତା-ଦଣ୍ଡ ପ୍ରକ୍ରିୟା ସଂହିତା 1898 (ଧାରା 5/1898), ଧାରା 350- ଅପରାଧିକ ଆଇନ ସଂଶୋଧନ ଅଧିନିୟମ 1952 (46/1952) ଧାରା 8, ଉପ-ଧାରା 3 ।*

ଆବେଦନକାରୀମାନଙ୍କୁ ଭାରତୀୟ ପିଙ୍ଗଳ ସଂହିତା ଧାରା 120B ଏବଂ ଧାରା 420 ଅଧୀନରେ ଏବଂ ଦୁର୍ନୀତି ନିବାରଣ ଅଧିନିୟମର ଧାରା 5 (2) ସହିତ ସମ ପଠନୀୟ ଧାରା 5 (1) (d) ଆଧାରରେ ଅଭିଯୁକ୍ତ କରାଯାଇଥିଲା। । ଆବେଦନକାରୀଙ୍କ ବିଚାର ଏକ ସ୍ୱତନ୍ତ୍ର ବିଚାରପତିଙ୍କ ସମ୍ମୁଖରେ ଆରମ୍ଭ ହୋଇଥିଲା ଯିଏ ଅଭିଯୋଜନ ପକ୍ଷର ପ୍ରମାଣ ଶୁଣିଥିଲେ । ଏହାପରେ ଅନ୍ୟ ଜଣେ ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ବିଚାର ଗ୍ରହଣ କରାଯାଇଥିଲା, ଯିଏ ପ୍ରତିପକ୍ଷଙ୍କ ସାକ୍ଷୀମାନଙ୍କୁ ଯାଞ୍ଚ କରିଥିଲେ ଏବଂ ଶେଷରେ ଆବେଦନକାରୀମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଆବେଦନକାରୀମାନେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ ଏବଂ ଉଚ୍ଚ ନ୍ୟାୟାଳୟ ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶକୁ କାଏମ ରଖିଥିଲେ । ଏହାପରେ ଆବେଦନକାରୀମାନେ ବିଶେଷ ଅନୁମତି ଦ୍ୱାରା ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ ।

ଆବେଦନକାରୀଙ୍କ ଦ୍ୱାରା ଉଠାଯାଇଥିବା ଏକମାତ୍ର ପ୍ରଶ୍ନ ଥିଲା ଯେ ଜଣେ ସ୍ୱତନ୍ତ୍ର ବିଚାରପତିଙ୍କ ସମ୍ମୁଖରେ ଆରମ୍ଭ ହୋଇଥିବା ଏକ ବିଚାର ଅନ୍ୟଜଣେ ସ୍ୱତନ୍ତ୍ର ବିଚାରପତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ଏବଂ ଏହି ଦୃଷ୍ଟିରୁ ଏହା କାର୍ଯ୍ୟଦକ୍ଷ ନଥିଲା । ଫୌଜଦାରୀ ଆଇନ ସଂଶୋଧନ ଅଧିନିୟମ 1952ର ଧାରା 8, ଉପ-ଧାରା (3) ଉପରେ ନିର୍ଭର କରି ଉତ୍ତରଦାତା ଯୁକ୍ତି ଦର୍ଶାଇଥିଲେ ଯେ ବିଚାର କାର୍ଯ୍ୟଦକ୍ଷ ଥିଲା ଏବଂ ଦୋଷୀସାବ୍ୟସ୍ତ ଏବଂ ଦଣ୍ଡବିଧାନ ଆଇନ ଆଧାରରେ ବୈଧ ଥିଲା ।

ନିର୍ଣ୍ଣିତ ଯେ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 350 ସେତେବେଳେ ଲାଗୁ ହୁଏ ନାହିଁ ଯେତେବେଳେ ଜଣେ ସ୍ୱତନ୍ତ୍ର ବିଚାରପତି ଅନ୍ୟ ଜଣେ ବିଚାରପତିଙ୍କ ପରେ ଉତ୍ତରବର୍ତ୍ତୀ ହୁଅନ୍ତି । ଫୌଜଦାରୀ ଆଇନ ସଂଶୋଧନ ଅଧିନିୟମ 1956 ର ଧାରା 3 (a) ମଧ୍ୟ ଏକ ସ୍ୱତନ୍ତ୍ର ବିଚାରପତିଙ୍କ ଦ୍ୱାରା ପୂର୍ବବର୍ତ୍ତୀ ବିଚାର ପାଇଁ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା 350 ର ପ୍ରୟୋଜନୀୟତା ସୃଷ୍ଟି କରେ ନାହିଁ ।

*ପାୟାରେ ଲାଲ୍ ବନାମ ପଞ୍ଜାବ ରାଜ୍ୟ, (1962)* 3 S. C. R. 328, ଅନୁସରଣ କରାଯାଇଥିଲା ।

ଅପରାଧିକ ଆବେଦନ ଅଧିକାରିତା: ଫୌଜଦାରୀ ଆବେଦନ ସଂଖ୍ୟା 196 ଏବଂ 197/60 ।

ଅପରାଧିକ ଆବେଦନ ସଂଖ୍ୟା 3-d ଏବଂ 1-d/1958 ରେ ଦିଲ୍ଲୀ ସ୍ଥିତ ପଞ୍ଜାବ ଉଚ୍ଚ ନ୍ୟାୟାଳୟଙ୍କର (ସର୍କିଟ ଖଣ୍ଡପୀଠ)ଙ୍କର ମେ 12, 1958 ର ରାୟ ଏବଂ ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ (ଅପରାଧିକ ଆବେଦନ ସଂଖ୍ୟା 196/60ରେ) *ଏ. ଏସ୍. ଆର୍. ଚାରୀ, ଏମ୍. କେ. ରାମା ମୂର୍ତ୍ତି, ଆର୍. କେ. ଗର୍ଗ, ଡି. ପି.* ସିଂହ ଏବଂ ଏସ୍. ସି. ଅଗ୍ରୱାଲ ।

ଆବେଦନକାରୀଙ୍କ ପାଇଁ (ଅପରାଧିକ ଆବେଦନ ସଂଖ୍ୟା 197/60ରେ) *ଏନ୍. ଏସ୍. ବିନ୍ଦ୍ରା, ଆଇ. ଏମ୍.* ଲାଲ୍ ଏବଂ ଏ. ଜି. ରତ୍ନପର୍ଖି ।

ଉତ୍ତରଦାତାମାନଙ୍କ ପାଇଁ *ଏଚ୍. ଆର୍. ଖାନ୍ନା, ଆର୍. ଏଚ୍. ଢେବର ଏବଂ ପି. ଡି. ମେନନ* ।

1962, ଫେବୃଆରୀ, 15 ରେ ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା ।

ନ୍ୟାୟାଧୀଶ କପୁରଙ୍କ ଦ୍ୱାରା -ଏହି ଆବେଦନ ଗୁଡିକ ପଞ୍ଜାବ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଭାରତୀୟ ଦଣ୍ଡ ସଂହିତାର ଧାରା 120 B ଏବଂ 420 ଓ ଦୁର୍ନୀତି ନିର୍ବାରଣ ଅଧିନିୟମ 1947ର ଧାରା 5 (1) (d)ସହିତ ପଠନୀୟ ଧାରା 5 (2) ଅଧୀନରେ ଆବେଦନକାରୀଙ୍କ ଦଣ୍ଡବିଧାନକୁ ନିଶ୍ଚିତ କରୁଥିବା ଏବଂ ପ୍ରତ୍ୟେକଙ୍କୁ ଛଅ ମାସର କଠୋର କାରାଦଣ୍ଡର ମୋଟ ଦଣ୍ଡାଦେଶ ପ୍ରଦାନ କରୁଥିବା ରାୟ ଏବଂ ଆଦେଶ ବିରୁଦ୍ଧରେ କରାଯାଇଥିଲା ।

1962
କ୍ରିଶନ୍ ଲାଲ୍ ଧାୱନ
ବନାମ
ଦିଲ୍ଲୀ ପ୍ରଶାସନ
ନ୍ୟାୟାଧୀଶ କପୁର

ତଥ୍ୟଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଭାବେ ଉପସ୍ଥାପନ କରିବା ଅନାବଶ୍ୟକ, କିନ୍ତୁ ସେଗୁଡ଼ିକୁ ସଂକ୍ଷେପରେ ଉପସ୍ଥାପିତ କରାଯିବା ଆବଶ୍ୟକ । ଆବେଦନକାରୀ; ଆଲବର୍ଟ ମୋସସ୍ ପୁନର୍ବାସ ମନ୍ତ୍ରଣାଳୟ ଅଧୀନରେ ଥିବା, ମାଲଭିଆ ନଗର ଏବଂ କାଲକାଜୀର ପୁନର୍ବାସ କେନ୍ଦ୍ରର ଅଧ୍ୟକ୍ଷ ଦାୟିତ୍ୱରେ ଥିଲେ। ଆବେଦନକାରୀ, କେ. ଏଲ. ଧାୱନ, ମେସର୍ସ ଧାୱନ ଆଣ୍ଡ କୋ. ନାମକ ଫାର୍ମର ଜଣେ ଅଂଶୀଦାର ଥିଲେ ଏବଂ ସେମାନେ ଏକ ପୃଷ୍ଠଭାଗ ପ୍ଲେଟ୍ 1, 950/-ଟଙ୍କାରେ କାର୍ଯ୍ୟ ସ୍ଥଳୀକୁ ଯୋଗାଉଥିଲେ , ଯାହାର ଅଧ୍ୟକ୍ଷ ଆବେଦନକାରୀ ଆଲବର୍ଟ ମୋସେସ ଥିଲେ ।

ଆବେଦନକାରୀ ଏବଂ ନିର୍ଦ୍ଦୋଷରେ ଖଲାସ ହୋଇଥିବା ଆର୍. ପି. ଧାୱନଙ୍କ ବିଚାର ଦିଲ୍ଲୀର ସ୍ୱତନ୍ତ୍ର ବିଚାରପତି ଶ୍ରୀ ଜୱାଲା ଦାସଙ୍କ ନ୍ୟାୟାଳୟରେ ଆରମ୍ଭ ହୋଇଥିଲା ଏବଂ ସେ ମେ, 21, 1956 ରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବା ଦିନଠାରୁ ଅକ୍ଟୋବର 26, 1956 ପର୍ଯ୍ୟନ୍ତ ମାମଲାର ଶୁଣାଣି କରିଥିଲେ । ସେ ଅଭିଯୋଜନ ପକ୍ଷର ପ୍ରମାଣ ଶୁଣିଥିଲେ ଯାହା ଅକ୍ଟୋବର 26,1956 ରେ ବନ୍ଦ ହୋଇଯାଇଥିଲା । ଏହାପରେ 1956 ମସିହା ଡିସେମ୍ବର 20 ତାରିଖରୁ ଦିଲ୍ଲୀର ସ୍ୱତନ୍ତ୍ର ବିଚାରପତି ଶ୍ରୀ ପି. ଡି. ଶର୍ମାଙ୍କ ଦ୍ୱାରା ଏହି ମାମଲାର ଶୁଣାଣି କରାଯାଇଥିଲା । ସେ ପ୍ରତିପକ୍ଷଙ୍କର ସାକ୍ଷୀମାନଙ୍କୁ ଯାଞ୍ଚ କରିଥିଲେ ଏବଂ ଶେଷରେ ପୂର୍ବରୁ ଉଲ୍ଲିଖିତ ଅପରାଧର ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ଆର୍. ପି. ଧାୱନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ ।

ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡ ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ କରାଯାଇଥିଲା କିନ୍ତୁ ଦୋଷ ସାବ୍ୟସ୍ତ କରାଯାଇଥିଲା ଏବଂ ଦଣ୍ଡାଦେଶକୁ ମଧ୍ୟ କାୟମ ରଖାଯାଇଥିଲା ଏବଂ ସେହି ରାୟ ଏବଂ ଆଦେଶ ବିରୁଦ୍ଧରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତି ଦ୍ୱୟ ବିଶେଷ ଅନୁମତି ଦ୍ୱାରା ଏହି ଦୁଇଟି ଆବେଦନ ଆଗତ କରିଥିଲେ । ଏହି ନ୍ୟାୟାଳୟରେ ଯେଉଁ ଏକମାତ୍ର ପ୍ରଶ୍ନ ଉଠାଯାଇଛି ତାହା ହେଉଛି ଯେ ଜଣେ ସ୍ୱତନ୍ତ୍ର ବିଚାରପତିଙ୍କ ସମ୍ମୁଖରେ ବିଚାର ଆରମ୍ଭ ହେବା ଏବଂ ଅନ୍ୟ ଜଣେ ସ୍ୱତନ୍ତ୍ର ବିଚାରପତି ଡିସେମ୍ବର 20,1956 ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଯୋଗୁଁ କାର୍ଯ୍ୟାନୁଷ୍ଠାନ କାର୍ଯ୍ୟଦକ୍ଷ ନୁହେଁ ଏବଂ ତେଣୁ ଦଣ୍ଡବିଧାନ ଏବଂ ଦଣ୍ଡାଦେଶକୁ ବଜାୟ ରଖାଯାଇପାରିବ ନାହିଁ । ଓକିଲ, *ପାୟରା ଲାଲ ବନାମ ପଞ୍ଜାବ ରାଜ୍ୟ* ([1]) ମାମଲାରେ ଏହି ନ୍ୟାୟାଳୟଙ୍କର ଏକ ରାୟ ଉପରେ ନିର୍ଭର କରିଥିଲେ ଯେଉଁଥିରେ ଏହା ନିର୍ଣ୍ଣିତ ହୋଇଥିଲା ଯେ ଜଣେ ସ୍ୱତନ୍ତ୍ର ବିଚାରପତିଙ୍କ ପରେ ଅନ୍ୟ ଜଣେ ବିଚାରପତି ଆସିଲେ ଧାରା 350 ଲାଗୁ ହେବ

([1]) [1962] 3 S.C.R 328

ନାହିଁ । ମାମଲାର ଏହି ଦୃଷ୍ଟିକୋଣରୁ ଶ୍ରୀଯୁକ୍ତ ପି. ଡି. ଶର୍ମା, ଶ୍ରୀଯୁକ୍ତ ଜୱାଲା ଦାସଙ୍କ ଦ୍ୱାରା ଛାଡ଼ି ଦିଆଯାଇଥିବା ବିଚାରକୁ ଆଗକୁ ବଢାଇବା ପାଇଁ କାର୍ଯ୍ୟଦକ୍ଷ ନଥିଲେ ।

ଉତ୍ତରଦାତାଙ୍କ ପାଇଁ ଓକିଲ ଅପରାଧିକ ଆଇନ ସଂଶୋଧନ ଅଧିନିୟମ ( ଅଧିନିୟମ 46/1952) ର ଧାରା 8 ର ଉପ-ଧାରା (3) ଉପରେ ନିର୍ଭର କରନ୍ତି ଯାହା ଅପରାଧିକ ସଂହିତାର ବ୍ୟବସ୍ଥା ଗୁଡିକୁ ସେହି ଅଧିନିୟମ ସହିତ ଅସଂଗତ କରିନଥାଏ ଯାହା ବିଚାରପତିଙ୍କ ସମ୍ମୁଖରେ କାର୍ଯ୍ୟାନୁଷ୍ଠାନ ପାଇଁ ଉପସ୍ଥାପିତ କରାଯାଇଥିଲା ଏବଂ ଏହା ମଧ୍ୟ ପ୍ରଦାନ କରେ ଯେ ଅପରାଧିକ ଆଇନ ସଂଶୋଧନ ଅଧିନିୟମ (46/1952) ଅନୁଯାୟୀ ଏକ ମାମଲାର ବିଚାର କରିବା ସମୟରେ ଜଣେ ସ୍ୱତନ୍ତ୍ର ବିଚାରପତି ଏକ ଦୌରା ନ୍ୟାୟାଳୟ ଭାବରେ ବିବେଚିତ ହେବେ। କିନ୍ତୁ ଏହି ପ୍ରଶ୍ନକୁ *ପାୟାରା ଲାଲଙ୍କ* ମାମଲା ([1]) ରେ ଏହି ନ୍ୟାୟାଳୟ ଦ୍ୱାରା ନିଷ୍ପତ୍ତି ନିଆଯାଇଥିଲା, ଯେଉଁଠାରେ ଏହା କୁହାଯାଇଥିଲା ଯେ ଅଧିନିୟମ 46/1952 ର ଧାରା 8 ର ଉପ-ଧାରା (3) ଅନୁଧ୍ୟାନ କରିନଥାଏ ଯେ ଦଣ୍ଡ ପ୍ରକ୍ରିୟା ସଂହିତା ଧାରା 350 ଜଣେ ସ୍ୱତନ୍ତ୍ର ବିଚାରପତିଙ୍କ ସମ୍ମୁଖରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଯୁଜ୍ୟ ହେବ । ଏହି ମାମଲାରେ ଏହା ମଧ୍ୟ କୁହାଯାଇଥିଲା ଯେ 1956 ର ଅଧିନିୟମ 2 ଦ୍ୱାରା ଅପରାଧିକ ଆଇନ ସଂଶୋଧନ ଆଇନରେ ହୋଇଥିବା ସଂଶୋଧନ ଯାହା ଦ୍ୱାରା 3 (a) କୁ ଏଥିରେ ଯୋଡ଼ାଯାଇଥିଲା ସ୍ୱତନ୍ତ୍ର ଯାହା ବିଚାରପତିଙ୍କ ଦ୍ୱାରା ବିଚାର ପାଇଁ ଲାଗୁ ହେଉଥିବା ସଂହିତାର ଧାରା 350ର କୌଣସି ପିଛିଲା ପ୍ରଭାବ ରଖେ ନାହିଁ । ମାମଲାର ଏହି ଦୃଷ୍ଟିକୋଣ ଆଧାରରେ ଆବେଦନକାରୀଙ୍କ ଦୋଷୀ ସବ୍ୟସ୍ତକୁ ବାତିଲ କରାଯିବ ଆବଶ୍ୟକ । ଆଇନ ଅନୁଯାୟୀ ମାମଲାର ଫଏସଲା କରାଯିବ ।

ଆବେଦନକୁ ଅନୁମତି ପ୍ରଦାନ କରାଗଲା ।

([1]) [1962] 3 S.C.R 328

1962

କ୍ରିଶନ୍ ଲାଲ୍ ଧାୱନ
ବନାମ
ଦିଲ୍ଲୀ ପ୍ରଶାସନ

ନ୍ୟାୟାଧୀଶ କପୁର

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।